# Virtual interaction between Minister of State for External Affairs & Dr. Lemogang Kwape, Minister of International Affairs and Cooperation, Botswana (June 17, 2021)

June 17, 2021

## ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏବଂ ବୋତସ୍ୱାନାର ଆନ୍ତର୍ଜାତୀୟ ବ୍ୟାପାର ଓ ସହଯୋଗ ମନ୍ତ୍ରୀ ଡକ୍ଟର ଲେମୋଗାଙ୍ଗ କ୍ୱାପେଙ୍କ ମଧ୍ୟରେ ବାର୍ତ୍ତାଳାପ (17 ଜୁନ 2021)

ଜୁନ 17, 2021

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ୍ ଆଜି ବୋତସ୍ୱାନାର ଆନ୍ତର୍ଜାତୀୟ ବ୍ୟାପାର ଓ ସହଯୋଗ ମନ୍ତ୍ରୀ ମାନ୍ୟବର ଡକ୍ଟର ଲେମୋଗାଙ୍ଗ କ୍ୱାପେଙ୍କ ସହ ଏକ ଭର୍ଚୁଆଲ୍ ବୈଠକ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ନଭେମ୍ବର 2018ରେ ନିଜର ବୋତସ୍ୱାନା ଗସ୍ତକୁ ମନେ ପକାଇଥିଲେ।

ଦୁଇ ମନ୍ତ୍ରୀ ସେମାନଙ୍କ ଆଲୋଚନାରେ ପାରସ୍ପରିକ ଲାଭଦାୟକ ଭାରତ-ବୋତସ୍ୱାନା ସମ୍ପର୍କର ସମସ୍ତ ଦିଗ ବିଶେଷକରି ସ୍ୱାସ୍ଥ୍ୟ, ବାଣିଜ୍ୟ, ଶିକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋକପାତ କରିଥିଲେ। ଭାରତ ପ୍ରତିବର୍ଷ ବୋତସ୍ୱାନାର ଯୁବକମାନଙ୍କୁ ପ୍ରଦାନ କରୁଥିବା ଦକ୍ଷତା ବୃଦ୍ଧି ସ୍ଲଟ୍ ପାଇଁ ମନ୍ତ୍ରୀ କ୍ୱାପେ ତାଙ୍କ ସରକାରଙ୍କ ତରଫରୁ ପ୍ରଶଂସା ଜଣାଇବା ସହ ଇ-ବିଦ୍ୟା ଭାରତୀ ଏବଂ ଇ-ଆରୋଗ୍ୟ ଭାରତୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରାଯାଉଥିବା ଟେଲି ମେଡିସିନ ଏବଂ ଟେଲି ଶିକ୍ଷା ସୁଯୋଗ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

ବାଣିଜ୍ୟ ଓ ଅନ୍ୟାନ୍ୟ ପ୍ରତିନିଧୀ ଦଳ ବିନିମୟ ଏବଂ ଉଚ୍ଚସ୍ତରୀୟ ଗସ୍ତ ଶୀଘ୍ର ଆରମ୍ଭ କରିବାକୁ ଦୁଇ ମନ୍ତ୍ରୀ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

ଜୁନ 17, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.